# କଟକ ସିଟି





**କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ଘଟଣା**

## ହ୍ୟୁମାନ୍‌ଙ୍କ ଟଙ୍କା ଓ ପ୍ରେମକୁ ନେଇ ଖୋଳତାଡ଼୍ ଆରମ୍ଭ

କଟକ, ୨୨।୧୨(ସମିସ)

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ବିବାଦ ଏବେ ବଢ଼ିବାରେ ଲାଗିଛି। ଗତକାଲି ତାଙ୍କ ମା' ଶେଫାଳୀ ସୁନା ମର୍କତନଗର ଥାନାରେ ଏତଲା ଦେବା ପରେ ଏବେ ପୁଲିସ ଆକ୍ସନ୍-ମୋଡ୍‌କୁ ଆସିଛି। ହ୍ୟୁମାନ୍‌ଙ୍କ ଟଙ୍କା ଓ ପ୍ରେମ ବ୍ୟାପାରକୁ ନେଇ କମିଶନରେଟ୍ ପୁଲିସ ଆଜି ଠାରୁ ଖୋଳତାଡ଼୍ ଆରମ୍ଭ କରିଛି। ଦୀର୍ଘ ବର୍ଷର ସଙ୍ଗୀତ କ୍ୟାରିୟର୍ ମଧ୍ୟରେ ସେ ରୋଜଗାର କରିଥିବା ଟଙ୍କାର ଦେଣନେଣ ଏବଂ ଜମା ରାଶିକୁ ନେଇ ପୁଲିସ ଏକାଧିକ ଷ୍ଟେଟ୍‌ମେଣ୍ଟ୍‌କୁ ତର୍ଜମା କରୁଛି। କଣ୍ଠଶିଳ୍ପୀ ତଥା ପ୍ରେମିକା ଅର୍ପିତାଙ୍କ ସହିତ ରହିଥିବା ସମ୍ପର୍କ, ହ୍ୟୁମାନ୍‌ଙ୍କ ଠାରୁ ଅର୍ପିତା କେତେ ଟଙ୍କା କ୍ୟାସ୍ ଓ ଅନଲାଇନ୍‌ରେ ନେଇଛନ୍ତି?, ହ୍ୟୁମାନଙ୍କୁ ସିଡିଏ ସେକ୍ଟର-୬ରେ ଥିବା ଘରକୁ ଅର୍ପିତା ୭ଦିନରେ କେତେ ଥର ଆସନ୍ତି? ଏଭଳି ଭାବେ ଏକାଧିକ ଦିଗକୁ ନେଇ ପୁଲିସ ତର୍ଜମା କରୁଛି। ଅର୍ପିତାଙ୍କ କାର୍ କିଣା ଏବଂ ଭୁବନେଶ୍ୱରରେ ଫ୍ଲାଟ୍ କିଣା ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କା ହ୍ୟୁମାନ ସାଗର ଦେଇଥିବାର ପ୍ରମାଣ ଖୋଜୁଛି ପୁଲିସ।

ଭୁବନେଶ୍ୱରରେ ସୋମେଶ ଶତପଥୀ କରିଥିବା ଷ୍ଟୁଡ଼ିଓରେ ହ୍ୟୁମାନଙ୍କ ଟଙ୍କା ଖର୍ଚ୍ଚ କରାଯାଇଛି। ସୋମେଶ ହ୍ୟୁମାନଙ୍କ ଠାରୁ ଟଙ୍କା ନେଇଥିବା ତାଙ୍କ ମା' ଶେଫାଳୀ ଅଭିଯୋଗ ଆଣିଛନ୍ତି। ଉଭୟ ଅର୍ପିତା ଓ ସୋମେଶ୍ ହ୍ୟୁମାନଙ୍କ ଠାରୁ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ନେଇ ଆଉ ଫେରାଇ ନାହାନ୍ତି। ଅନ୍ୟପକ୍ଷରେ ହ୍ୟୁମାନ



ଅର୍ପିତାଙ୍କୁ ବାହା ହେବାକୁ ଚାହୁଁଥିଲେ। ଯେଉଁ ଦିନ ହ୍ୟୁମାନ କୋର୍ଟ ମ୍ୟାରେଜ୍ କରିବାକୁ କହିଥିଲେ, ସେହିଦିନ ଠାରୁ ଅର୍ପିତା ହ୍ୟୁମାନଙ୍କ ସହିତ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଥିଲେ। ତାଙ୍କ ନମ୍ବର ଓ ହ୍ୱାର୍ଟସ୍‌ଆପ୍‌କୁ ବ୍ଲକ କରି ଦେଇଥିଲେ। ଏହାପର ଠାରୁ ଦୀର୍ଘ ୩ରୁ ୪ମାସ ହେବ ହ୍ୟୁମାନ ଦିନ/ରାତି ପ୍ରଚୁର ମଦ୍ୟପାନ କରୁଥିଲେ। କେବଳ ଟଙ୍କା ପାଇଁ ଅର୍ପିତା ଓ ସୋମେଶ ହ୍ୟୁମାନ ସାଗରଙ୍କୁ ଇମୋସନାଲ୍ ବ୍ଲାକମେଲିଂ କରିଥିବା ଶେଫାଳୀ

> **ପତ୍ନୀ ଶ୍ରେୟାଙ୍କ ପ୍ରତି ମା' ବଦଳାଇଥିବା ମତ'କୁ ନେଇ ଚର୍ଚ୍ଚା**
>
> **ପୁଲିସ ସ୍କାନ୍‌ରରେ ଭୁବନେଶ୍ୱରର ସୋମେଶ ଷ୍ଟୁଡ଼ିଓ**
>
> **ଅର୍ପିତାଙ୍କ କାର୍ ଓ ଫ୍ଲାଟ୍ କିଣାକୁ ନେଇ ବଢ଼ିଲା ସନ୍ଦେହ**
>
> **ମ୍ୟାନେଜର ଦୀନେଶ୍ୱର ଗତିବିଧି ଉପରେ ପୁଲିସର ନଜର**

ଅଭିଯୋଗ ଆଣିଛନ୍ତି। ପୁଲିସ ଏହି ଦିଗକୁ ବେଶ୍ ଗୁରୁତର ସହିତ ଗ୍ରହଣ କରି ତଦନ୍ତ କରୁଛି। ମ୍ୟାନେଜର ଦୀନେଶ ଲକ୍ଷାଧିକ ଟଙ୍କା ହେରଫେର୍ କରିଥିବା ପୁଲିସ ଜାଣିବାକୁ ପାଇଛି। ତାଙ୍କୁ ଖୁବଶୀଘ୍ର ଡକାଯାଇ ଜେରା କରାଯିବ। ପ୍ରୋଗ୍ରାମ୍ ଓ ରେକର୍ଡିଂ ଟଙ୍କାର ସବିଶେଷ ତଥ୍ୟକୁ ପୁଲିସ ମଗାଇଛି। ହ୍ୟୁମାନଙ୍କ ପତ୍ନୀ ଶ୍ରେୟାଙ୍କ ଭୂମିକା ମଧ୍ୟ ଏବେ ସନ୍ଦେହ ଘେରରେ। ହ୍ୟୁମାନଙ୍କ ମୃତ୍ୟୁ ଦିନ ଯଦିଓ ଶ୍ରେୟାଙ୍କ ପ୍ରତି ସେଫାଳୀ ନରମ ବ୍ୟବହାର ପ୍ରଦର୍ଶନ କରିଥିଲେ, ଗତକାଲି ଦେଇଥିବା ଏତଲାରେ ପ୍ରଥମେ ଶ୍ରେୟାଙ୍କ ନାଁକୁ ସେ ଲେଖିଛନ୍ତି। ଯାହାକୁ ପୁଲିସ ତଦନ୍ତର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ଗ୍ରହଣ କରିଛି। ହ୍ୟୁମାନ ସାଗର ସିଡିଏ ସେକ୍ଟର-୬ରେ ରହୁଥିବା ଘରର ସିସିଟିଭି ଡିଭିଆର୍ ଓ ଏନଭିଆର୍‌କୁ ଜବତ କରାଯିବ। ଘର ନିକଟରେ ଲାଗିଥିବା ଅନ୍ୟ ସିସିଟିଭି ଫୁଟେଜ୍ ସହ ଗେଟ୍ ରେଜିଷ୍ଟାର, ଭିଜିଟର୍ ରେଜିଷ୍ଟାର ସହ ହ୍ୟାମନ ଗାଡ଼ିର ମୁଭମେଣ୍ଟ ଯାଞ୍ଚ କରାହେବ। ତାଙ୍କ ମୋବାଇଲ୍, ଲାପ୍‌ଟପ, ଟ୍ୟାବ୍ ଓ ସିମ୍‌ର ଫରେନ୍‌ସିକ ଯାଞ୍ଚ ହେବ। ସମସ୍ତ କଲ୍ ରେକର୍ଡକୁ ପୁଲିସ ଅନୁଧ୍ୟାନ କରିବ। ହ୍ୱାର୍ଟସଆପ୍ ଚାଟ୍‌ରୁ ତଥ୍ୟ ରିଟ୍ରାଇଭ୍ ସହ ଇମେଲ୍‌କୁ ତଦନ୍ତ ପରିସରକୁ ଅଣାଯିବ। ସ୍ଥାୟୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍, ବୀମା, ଲୋନ୍, କିସ୍ତି ଆଦିର ତଦନ୍ତ ହେବ। ହ୍ୟୁମାନ କରିଥିବା ଚୁକ୍ତି, ନେଇଥିବା ଅଗ୍ରୀମ, ଫେରା ଯାଇଥିବା ଅର୍ଥ ସହ ଷ୍ଟୁଡିଓ ଓ ପ୍ରଡକ୍ସନ ସଂସ୍ଥା ପାଉଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ମର୍କତନଗର ଥାନାର ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

**'ବସ୍ତିକୁ ଚାଲ' ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ**

## ୩୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**କଟକ, ୨୨।୧୨(ସମିସ):** କଟକ କମିଶନରେଟ୍ ପୁଲିସ ପକ୍ଷରୁ ବସ୍ତିକୁ ଚାଲ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ କଟକ ଓଏସ୍‌ଏପି ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଆଜି କମିଶନରେଟ ପୁଲିସ କଟକ ୟୁପିଡି ପକ୍ଷରୁ ପୁଲିସ କମିଶନର, ଅତିରିକ୍ତ ପୁଲିସ କମିଶନର ଓ କଟକ ଡିସିପିଙ୍କ ନିର୍ଦ୍ଦେଶକ୍ରମେ କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏସଏପି ଖେଳ ପଡ଼ିଆରେ ବସ୍ତିକୁ ଚାଲ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ମେଡ଼ିସିନ୍, ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି, ହୃଦରୋଗ, ମଧୁମେହ, ରକ୍ତଚାପ ଭଳି ରୋଗର ବିଭିନ୍ନ ପରୀକ୍ଷା ନିରୀକ୍ଷା ସାଙ୍ଗକୁ ଉପଯୁକ୍ତ ଔଷଧ ବିତରଣ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୩୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ସୂଚନାଯୋଗ୍ୟ କି, ପୁଲିସ ଓ ବସ୍ତିରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ସମ୍ପର୍କ କିଭଳି ଆହୁରି ମଜବୁତ ହୋଇପାରିବ ଏହି ଲକ୍ଷ୍ୟ ନେଇ ବସ୍ତିକୁ ଚାଲ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ କଟକ ୟୁପିଡିର ଆଡିସନାଲ ଡିସିପି ରଞ୍ଜିତ କୁମାର ପୃଷ୍ଟି, ଅମରେନ୍ଦ୍ର ପଣ୍ଡା, ଏସିପି ଅମିତାଭ ମହାପାତ୍ର, ଏସିପି କୃଷ୍ଣ ସେଠି, ଇନ୍ସପେକ୍ଟର ନୀଳାଞ୍ଚଳ ଜେନା, ରିଜର୍ଭ ଇନ୍ସପେକ୍ଟର ବିଭୁ ପ୍ରସାଦ ପ୍ରଧାନଙ୍କ ସମେତ କଟକ ସହରାଞ୍ଚଳର ଅନ୍ୟାନ୍ୟ ଏସିପି ଓ ଆଇଆଇସି ସହଯୋଗ କରିଥିଲେ। ତେବେ ସାଧାରଣ ଜନତାଙ୍କ ସହ ପୁଲିସର ସମ୍ପର୍କକୁ ଏହି କାର୍ଯ୍ୟକ୍ରମ ଆହୁରି ମଜବୁତ କରିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି।

## ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ



**କଟକ, ୨୨।୧୨(ସମିସ):** କଟକ ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିସରରେ ପ୍ରଶିକ୍ଷଣାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ତତ୍ତ୍ୱାବଧାରକ ଭାବେ ଯୋଗଦେଇଥିବା ବେଳେ ପ୍ରତିଷ୍ଠିତ ବ୍ୟଙ୍ଗକବି ଜ୍ଞାନ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାଦାନ କ୍ଷେତ୍ରରେ କିପରି ଅଭିନବ ଉପାୟରେ ଜ୍ଞାନ ଆହରଣ କରିପାରିବେ, ସେଥିପାଇଁ ଏହି ପ୍ରଦର୍ଶନୀ ଏକ ମାଧ୍ୟମ ସାଜିଥିଲା। ଉଲ୍ଲେଖନୀୟ ଯେ, ଗତ ନଭେମ୍ବର ୬ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ କଟକର ୧୫ଟି ଉଚ୍ଚ ବିଦ୍ୟାଳୟରେ ଶିକ୍ଷଣ ଅଭ୍ୟାସ କରୁଥିବା ସମୟରେ ପ୍ରଶିକ୍ଷଣାର୍ଥୀମାନେ ବିଭିନ୍ନ ଚିତ୍ର, ମଡେଲ ଏବଂ ପୋଷ୍ଟର ପ୍ରସ୍ତୁତ କରିଥିଲେ। ସେହିସବୁ ପରୀକ୍ଷାମୂଳକ ଶିକ୍ଷଣ ସାମଗ୍ରୀକୁ ଆଜି ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରଶିକ୍ଷଣାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂଯୋଜିକା ଡକ୍ଟର ପ୍ରାଚୀ ପଟ୍ଟନାୟକ, ଇଣ୍ଟର୍ଣ୍ଣସିପ୍ କମିଟିର ସଦସ୍ୟ ଡକ୍ଟର ଅର୍ଜୁନ ନାଏକ, ଡକ୍ଟର ପ୍ରିୟଙ୍କା ସ୍ୱାଇଁ ଓ ରାଜୀବ ଲୋଚନ ସାହୁଙ୍କ ସମେତ ଡକ୍ଟର ହେମନ୍ତ ମଲିକ, ଡକ୍ଟର ପ୍ରଶାନ୍ତ ନନ୍ଦ, ରଶ୍ମିରଞ୍ଜନ ଦାସ, ଡକ୍ଟର ନିରଞ୍ଜନ ବେହେରା, ସ୍ୱଦେଶ କୁଅଁରୀ, ତେଜସ୍ୱିନୀ ଆଚାର୍ଯ୍ୟ ଏବଂ ରଘୁନାଥ ଦାସ ପ୍ରମୁଖ ଶିକ୍ଷକ ଓ ଶିକ୍ଷାକର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ରୁଚିପୂର୍ଣ୍ଣ କରିବା ପାଇଁ ଏଭଳି ପ୍ରଦର୍ଶନୀର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**କମିଶନରେଟ୍ ପୁଲିସର ରକ୍ତଦାନ ଶିବିର**

## ୧୦୮ ୟୁନିଟ୍ ରକ୍ତ ସଂଗୃହିତ

**କଟକ, ୨୨।୧୨(ସମିସ):** କମିଶନରେଟ୍ ପୁଲିସ ପକ୍ଷରୁ ୪୨ ମୌଜା ଥାନାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଅବସରରେ କଟକ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶଶିକାନ୍ତ ରାଉତ ଏସିପି ଜୋନ-୪, ଏସିପି ଅଶୋକ କୁମାର ଗିରି, ଏସିପି, ଆଇଆଇସି ବିଶ୍ୱରଞ୍ଜନ ନାୟକ, ତୁଷାର କାନ୍ତ ସେଠୀ, ବିଭୁ



ପ୍ରସାଦ ପ୍ରଧାନ ଏବଂ ଥାନାର ସମସ୍ତ ଷ୍ଟାଫ୍ ଉପସ୍ଥିତ ରହିଥିଲେ। ସେହିଭଳି ବିଭିନ୍ନ ଗାଁ ବାସିନ୍ଦା, ଗାଁ ମୂରବୀ, ସ୍ଥାନୀୟ ଯୁବକ, ସ୍ଥାନୀୟ ସମାଜସେବୀ ଓ ବିଭିନ୍ନ ସଂଗଠନର ପଦାଧିକାରୀମାନେ ମଧ୍ୟ ଏହି ଶିବିରରେ ସାମିଲ ହୋଇ ରକ୍ତଦାନ କରିବା ସାଙ୍ଗକୁ ସହଯୋଗ କରିଥିଲେ। ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ରକ୍ତ ଭଣ୍ଡାର ଶାଖାର କର୍ମକର୍ତ୍ତାମାନେ ଏହି ଶିବିରରେ ରକ୍ତସଂଗ୍ରହ କରିଥିଲେ। ଟ୍ୱିନସିଟିରେ ରକ୍ତର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ କମିଶନରେଟ୍ ପୁଲିସ, ଭୁବନେଶ୍ୱର-କଟକର ରେଡ଼କ୍ରସ ଶାଖା ନିୟମିତ ବ୍ୟବଧାନରେ ଏଭଳି ରକ୍ତଦାନ ଶିବିରର ଆୟୋଜନ କରିଆସୁଛି।

## ବାଲିଯାତ୍ରା ପଡ଼ିଆରେ 'ବାମ୍‌ସେଫ୍ ଜାତୀୟ ସମ୍ମିଳନୀ' ରଦ୍ଦ

**କଟକ, ୨୨।୧୨(ସମିସ):** ଐତିହାସିକ ବାଲିଯାତ୍ରା ତଳ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା 'ଅଲ୍ ଇଣ୍ଡିଆ ବ୍ୟାକୱାର୍ଡ ଏବଂ ମାଇନରିଟିଜ୍ କମ୍ୟୁନିଟିଜ୍ ଏମ୍ପ୍ଲୋଇଜ୍ ଫେଡେରେସନ' (ବାମ୍‌ସେଫ୍)ର ୪୨ତମ ଜାତୀୟ ସମ୍ମିଳନୀ ପାଇଁ ପ୍ରଦାନ କରାଯାଇଥିବା ଅନୁମତିକୁ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ରଦ୍ଦ କରିଦେଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଉତ୍ତେଜନାମୂଳକ ଭିଡିଓ ଯୋଗୁଁ ସହରରେ ଶାନ୍ତିଭଙ୍ଗ ହେବାର ଆଶଙ୍କା କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଓ ଡିସିପି ଖିଲାରୀ ରଷିକେଶ ଦ୍ୟାନ୍‌ଦେଓ ଏହି ନିଷ୍ପତ୍ତି ନେଇଛନ୍ତି।

ଭାରତ ମୁକ୍ତି ମୋର୍ଚ୍ଚାର ଓଡ଼ିଶା ଶାଖା କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ନାୟକଙ୍କ ଆବେଦନ କ୍ରମେ, ଆସନ୍ତା ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ପଡ଼ିଆରେ ଏହି

> **ସୋସିଆଲ୍ ମଡ଼ିଆରେ ଭାଇରାଲ ଭିଡିଓକୁ ନେଇ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସର କଠୋର ପଦକ୍ଷେପ**

ଜାତୀୟ ସମ୍ମିଳନୀ ଆୟୋଜନ ପାଇଁ ପୂର୍ବରୁ ଅନୁମତି ମିଳିଥିଲା। ତେବେ ସମ୍ମିଳନୀ ପୂର୍ବରୁ ବାମସେଫ୍‌ର ଜଣେ ରାଷ୍ଟ୍ରୀୟ ପ୍ରଚାରକ ଚାନ୍ଦ୍ ମହମ୍ମଦଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓର ବିଷୟବସ୍ତୁ ବିଭାଜନକାରୀ ଏବଂ ଉତ୍ତେଜନାମୂଳକ ବୋଲି ପ୍ରଶାସନ ଓ ପୁଲିସ ପକ୍ଷରୁ କୁହାଯାଇଛି। କଟକ ଏକ ସାମ୍ପ୍ରଦାୟିକ ସମ୍ବେଦନଶୀଳ ସହର ହୋଇଥିବାରୁ ଏବଂ ଅତୀତର କିଛି ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ପୁଲିସ ଓ ଜିଲ୍ଲା ପ୍ରଶାସନ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଏହି ଘଟଣାରେ ଆୟୋଜକଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣ ପ୍ରଶାସନକୁ ସନ୍ତୁଷ୍ଟ କରିପାରିନାହିଁ। ଶାନ୍ତି-ଶୃଙ୍ଖଳା ରକ୍ଷା କରିବା ପାଇଁ ସମ୍ବିଧାନର ଧାରା ୧୯(୨) ଏବଂ ୧୯(୩) ଅନୁଯାୟୀ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅନୁମତିକୁ ପ୍ରତ୍ୟାହାର କରି ନେଇଛନ୍ତି।

## ଡ. ଚନ୍ଦ୍ରଭାନୁ ଶତପଥୀ ଡିବେଟ୍ ଏଣ୍ଡ ନଲେଜ୍ ସେଣ୍ଟର ଉଦ୍‌ଘାଟିତ

**କଟକ, ୨୨।୧୨(ସମିସ):** ଓଡ଼ିଶାର ଅନ୍ୟତମ ପ୍ରାଚୀନ ଶିକ୍ଷାନୁଷ୍ଠାନ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଏକ ଭବ୍ୟ 'ଡ. ଚନ୍ଦ୍ରଭାନୁ ଶତପଥୀ ଡିବେଟ୍ ଏଣ୍ଡ ନଲେଜ୍ ସେଣ୍ଟର' ଆଜି ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ବିଶିଷ୍ଟ ବହୁଭାଷୀ ବିଦ୍ୱାନ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ସମ୍ମାନାର୍ଥେ ନାମିତ ଏହି ସୁସଜ୍ଜିତ କକ୍ଷଟିକୁ ଅତିରିକ୍ତ ମୁଖ୍ୟ ଶାସନ



ସଚିବ ସତ୍ୟବ୍ରତ ସାହୁଙ୍କ ସୌଜନ୍ୟରେ ନିର୍ମାଣ କରାଯାଇଛି। ମଣିପୁର ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡାଙ୍କ ଉପସ୍ଥିତିରେ ଏହି ଉତ୍ସବ ଏକ ଆଧ୍ୟାତ୍ମିକ ଓ ଶିକ୍ଷଣୀୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା। କେନ୍ଦ୍ରଟିର ସଫଳ ରୂପାୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଶୁଭାନ୍ୱେଷ ରଥ, ଶେଖ୍ ଗୋଲାମ ଅହମ୍ମଦ, ସରୋଜ ମହାନ୍ତି ଏବଂ ବିଶ୍ୱରଞ୍ଜନ ନାୟକଙ୍କୁ ପୂଜ୍ୟ ଗୁରୁଜୀ ଡ. ଶତପଥୀ ସମ୍ମାନିତ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଭାନ୍ୱେଶ ରଥ ଏହି ଜ୍ଞାନ କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ଉତ୍ସବର ସମାପ୍ତି ଘଟିଥିଲା।

## 'ମନରେଗା' ବାତିଲ ବିରୋଧରେ ବାମପନ୍ଥୀଙ୍କ ବିକ୍ଷୋଭ

**କଟକ, ୨୨।୧୨(ସମିସ):** କେନ୍ଦ୍ର ସରକାରଙ୍କ ଦ୍ୱାରା ମନରେଗା ଯୋଜନାକୁ ବାତିଲ କରି ସଂସଦରେ ପାରିତ ହୋଇଥିବା ନୂତନ 'ଜିବି. ଜୀ. ରାମ୍. ଜୀ' ବିଲ୍ ବିରୋଧରେ ଆଜି କଟକରେ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ, ସିପିଆଇଏମ୍ ଏବଂ ସିପିଆଇ-ଏମ୍‌ଏଲ୍‌ର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାମପନ୍ଥୀ ନେତାଙ୍କ ଅଭିଯୋଗ ଅନୁଯାୟୀ, ଏହି ନୂତନ ବିଲ୍ ଗ୍ରାମୀଣ ଦରିଦ୍ରଙ୍କ କାମ କରିବାର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ୧୨୫ ଦିନ କାମର ପ୍ରତିଶ୍ରୁତି ଦିଆଯାଉଥିଲେ ହେଁ କୃଷି ଋତୁରେ ୬୦ ଦିନ କାମ ବନ୍ଦ ରଖିବା ଏବଂ ରାଜ୍ୟମାନଙ୍କ ଉପରେ ୪୦ ପ୍ରତିଶତ ଆର୍ଥିକ ବୋଝ ଲଦିବା ଭଳି ପ୍ରାବଧାନ ଏହାକୁ ଏକ ନିଷ୍ଫଳ ଯୋଜନାରେ ପରିଣତ କରିବ। ଏଥିସହ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଏହି ଯୋଜନାକୁ ବାତିଲ କରିବା ତାଙ୍କ ପ୍ରତି ଏକ ଅପମାନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ବିକ୍ଷୋଭରେ ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ମହାନ୍ତି, ବିନୋଦ ବେହେରା, ଉଦୟ କେଶରୀ ବର୍ମା, କିଶୋର ଜେନା, ବଦ୍ରି ନାରାୟଣ ଦାଶ, ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ରମେଶ ବେହେରା, ଅଭୟ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ଡମ୍ବରୁଧର ସାହୁ, ଚନ୍ଦ୍ରମୋହନ ମାଝୀ, କେଶବ ଚନ୍ଦ୍ର ଷଡ଼ଙ୍ଗୀ, ବିଦ୍ୟା ପ୍ରସନ୍ନ ମହାପାତ୍ର ଏବଂ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ନୂଆ ବିଲ୍‌କୁ ଅନୁମୋଦନ ନ କରି ପୂର୍ବ ଭଳି ମନରେଗାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

## କଟକ ସିଟି ଇଞ୍ଜିନିୟର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ




**କଟକ, ୨୨।୧୨(ସମିସ):** କଟକ ସିଟି ଇଞ୍ଜିନିୟର୍ସ କ୍ଲବର ୨୩ ତମ ବାର୍ଷିକ ଉତ୍ସବ ରବିବାର ଦିନ ମହାନଦୀ ବିହାର ସ୍ଥିତ ରିଦ୍ଧି-ସିଦ୍ଧି ପରିସରରେ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। କ୍ଲବର ସଭାପତି ଇଂ ତାପସ ଚନ୍ଦ୍ର ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଗାରିମାମୟ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ରିଏଲ ଇଷ୍ଟେଟ ଆପିଲେଟ ଟ୍ରିବ୍ୟୁନାଲର ବୈଷୟିକ ସଦସ୍ୟ ଡଃ ଇଂ ଭକ୍ତ କବି ଦାସ ଯୋଗଦେଇଥିଲେ। ଇଂ ନିତ୍ୟାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଇଂ ରମାକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ଲବର ବାର୍ଷିକ ସ୍ମରଣିକା 'ସ୍ମରଣିକା-୨୦୨୫' ଉନ୍ମୋଚିତ ହେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୩ ଜଣ ବରିଷ୍ଠ ସଦସ୍ୟ ଏବଂ ଜିଲ୍ଲାର ବୈଷୟିକ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରଛାତ୍ରୀ ଯଥା ଇଂ ଶୁଭଶ୍ରୀ ବାରିକ, ଇଂ ଅରୋଶିଖା ସ୍ୱାଇଁ, ସ୍ୱୟମ ପ୍ରକାଶ ବେହୁରା, ଇଂ ବାଗେଶ୍ୱରୀ ବ୍ରହ୍ମାଦର୍ଶିନୀ ବେହେରା ଓ ଆର୍କିଟେକ୍ଟ ଜୀତେଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଇଂ ଶୂନ୍ୟେଶ୍ୱର ସ୍ୱାଇଁ ୩୩ ଜଣ ନୂତନ ଆଜୀବନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ ଏବଂ ନିର୍ବାଚନ ଅଧିକାରୀ ଇଂ ଗୋପାଳ କୃଷ୍ଣ ବେହେରା ୨୦ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ପ୍ରାକ୍ତନ ସଭାପତି ଇଂ ଯଦୁନାଥ ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ଇଂ ଧିରେନ୍ଦ୍ର ବିଶ୍ୱାଳ, ଇଂ ମୁବାସର ଅହମ୍ମଦ ଓ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଇଂ ସରୋଜ ମିଶ୍ର, ମଞ୍ଜୁ ମିଶ୍ର ଓ ଇଂ ଦେବୀ ପ୍ରସାଦ ନନ୍ଦଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।


**ପାୱରଗ୍ରିଡ POWERGRID**

**ନୋଟିସ**

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |

୪. ଟାରିଫ୍ ବିବରଣୀ:

କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ — ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

**ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନଷ୍ଟିଚୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121

**A Maharatna PSU**


## ୧୧୩ଟି ପ୍ରେସର୍ ହର୍ଣ୍ଣ ଜବତ




**କଟକ, ୨୨।୧୨(ସମିସ):** ଟ୍ରାଫିକ୍ ପୁଲିସ ପକ୍ଷରୁ ଆଜି କଟକ-ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଶବ୍ଦ ପ୍ରଦୂଷଣ ଓ ଟ୍ରାଫିକ୍ ନିୟମକୁ ଉଲ୍ଲଂଘନକୁ ରୋକିବା ପାଇଁ ଏକ ଅଭିଯାନ କରାଯାଇଥିଲା। ୧୧୩ଟି ବସରେ ପ୍ରେସର ହର୍ଣ୍ଣ ବ୍ୟବହାର କରାଯାଉଥିବା ଚିହ୍ନଟ ହୋଇଥିବା ବେଳେ ୧୭ଟି ବାଇକ୍‌ରୁ ସାଇଲେନ୍ସର ଜବତ କରାଯାଇଛି। ଏହାସହିତ ମୋଟ ୬୩ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

**ବଡ଼ ମେଡିକାଲ**

## ବ୍ୟାଟେରୀ ଗାଡ଼ି ପାଇଁ ରୋଗୀ ଦହଗଞ୍ଜ

କଟକ, ୨୨।୧୨(ସମିସ)

ବଡ ମେଡିକାଲରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳି ପାରୁନାହିଁ। ଗୁରୁତର ରୋଗୀଙ୍କ ପାଖରେ ସଠିକ ସମୟରେ ବ୍ୟାଟେରୀ ଗାଡି ପହଞ୍ଚି ପାରୁନି। ବ୍ୟାଟେରୀ ଗାଡି ନିମନ୍ତେ ହେଲ୍‌ଲାଇନ ନମ୍ବରକୁ ଫୋନ କଲେ ମଧ୍ୟ ପ୍ରାୟ ସମୟ କେହି ରିସିଭ କରୁନାହାନ୍ତି। ବଡ ମେଡିକାଲରେ ଅବ୍ୟବସ୍ଥା ଦିନକୁ ଦିନ ବଢ଼ି ଚାଲିଥିଲେ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଆଜି ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡ଼ା ଅଞ୍ଚଳର ବୃଦ୍ଧ ଗୌରହରି ସାହୁ ଅଲଟ୍ରାସାଉଣ୍ଡ କରାଇବା ପାଇଁ ବ୍ୟାଟେରୀ ଗାଡି ଲୋଡ଼ିଥିଲେ। ହେଲେ ବିଡମ୍ବନାର ବିଷୟ ଏହା ଯେ, ବ୍ୟାଟେରୀ ଗାଡି ନଆସିବାରୁ ପ୍ରାୟ ଅଧଘଣ୍ଟା ଧରି ବୃଦ୍ଧ ଗୌରହରି ରାସ୍ତା କଡରେ ପଡ଼ି ରହିଥିଲେ।

> **ରାସ୍ତା କଡ଼ରେ ପଡ଼ିରହିଲେ ବୃଦ୍ଧ ଗୌରହରି**

ମେଡିକାଲରେ ରୋଗୀଙ୍କୁ ସହଯୋଗ କରିବା ପାଇଁ ମେଡିକାଲ ଆଟେଣ୍ଡାଣ୍ଟ ନିଯୁକ୍ତି କରାଯିବା ସହ ଗୋଟିଏ ବିଭାଗରୁ ଅନ୍ୟତ୍ର ଯିବା ପାଇଁ ରୋଗୀଙ୍କ ନିମନ୍ତେ ବ୍ୟାଟେରୀ ଗାଡିର ବ୍ୟବସ୍ଥା ରହିଛି। ହେଲେ ଏହି ବ୍ୟବସ୍ଥା ଗୁଡିକ ଆଦୌ କାର୍ଯ୍ୟ କରୁ ନଥିବା ଦେଖିବାକୁ ମିଳିଛି। ମେଡିକାଲର ମେଡିସିନ ବିଭାଗରେ କେନ୍ଦ୍ରାପଡ଼ା ଅଞ୍ଚଳର ଗୌରହରି ସାହୁ ମସ୍ତିଷ୍କାଘାତରେ ପୀଡିତ ହୋଇ ଗତ ୧୯ ତାରିଖରୁ ଏଠାରେ ଭର୍ତ୍ତି ହୋଇଛନ୍ତି। ଆଜି ଡାକ୍ତରଙ୍କ ପରାମର୍ଶକ୍ରମେ ଗୌରହରିଙ୍କୁ ତାଙ୍କ ପୁଅ ଅଲଟ୍ରାସାଉଣ୍ଡ କରିବାକୁ ମେଡିକାଲର ରଞ୍ଜନରଶ୍ମୀ ବିଭାଗକୁ ନେଉଥିଲେ। ପ୍ରଥମେ ଗୌରହରିଙ୍କୁ ମେଡିସିନ ବିଭାଗର ତଳ ମହଲାକୁ ନେବା ପାଇଁ ମେଡିକାଲରେ ଥିବା ଆଟେଣ୍ଡାଣ୍ଟଙ୍କ ସହାୟତା ଲୋଡିଥିଲେ, ହେଲେ ଦୁଃଭାଗ୍ୟବଶତଃ କେହି ସାହାର୍ଯ୍ୟ କରି ନଥିଲେ। ପରେ ଉକ୍ତ ବିଭାଗରେ ଜଣେ ବ୍ୟକ୍ତିଙ୍କ ସହାୟତାରେ ବୃଦ୍ଧ ଗୌରହରିଙ୍କୁ ବିଭାଗ ପରିସରରୁ ବାହାରକୁ ଅଣାଯାଇଥିଲା। ହେଲେ ସେଠାରୁ ଅନ୍ୟ ବିଭାଗକୁ ନେବା ପାଇଁ ବ୍ୟାଟେରୀ ଗାଡିକୁ ଯୋଗାଯୋଗ କରିଥିବାବେଳେ ଗାଡି ଦୀର୍ଘ ସମୟ ଅପେକ୍ଷା କରିବା ପରେ ଆସି ନଥିଲା। ଫଳରେ ଗୌରହରିଙ୍କୁ ରାସ୍ତାକଡରେ ଷ୍ଟ୍ରେଚରରେ ଶୁଆଇ ଅଧଘଣ୍ଟା ପାଖାପାଖି ଅନ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କ ସାହାର୍ଯ୍ୟ ଲୋଡିଥିଲେ ତାଙ୍କ ପୁଅ। ପରେ ଅନ୍ୟଜଣେ ସହୃଦୟ ବ୍ୟକ୍ତି ସାହାର୍ଯ୍ୟର ହାତ ବଢ଼ାଇବାରୁ ଅଲଟ୍ରାସାଉଣ୍ଡ କକ୍ଷ ନିକଟକୁ ଗୌରହରିଙ୍କୁ ନିଆଯାଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୩୨ ● ପାଉଣ୍ଡ ୧୨୦.୧୫
- ୟୁରୋ ୧୦୫.୨୫ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୪,୦୦୫ (ନୂଆଦିଲ୍ଲୀ)
- ରୁପା : ୨,୧୩,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫, ୫୬୭.୦୦
- ନିଫ୍ଟି ୨୬,୧୭୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସୁନା ଦରରେ ଭାଙ୍ଗିଲା ୪୬ ବର୍ଷର ରେକର୍ଡ

ନୂଆଦିଲ୍ଲୀ,୨୨ା୧୨(ଏଜେନ୍ସି)



ବର୍ଷ ୨୦୨୫ ହୋଇଛି ସୁନାର ବର୍ଷ । ସୁନା ଦର ୨୦୨୫ ମସିହାରେ ଏପରି ବେଗ ଧରିଛି ଯାହା ବଜାରରେ ସବୁ ପୁରୁଣା ରେକର୍ଡ ଫିକା କରିଦେଇଛି । ସର୍ବଦା ଏକ ସୁରକ୍ଷିତ ନିବେଶ ମାଧ୍ୟମ ଭାବରେ ବିବେଚିତ ଏହି ହଳଦିଆ ଧାତୁ, ଚଳିତ ବର୍ଷ ରିଟର୍ଣ୍ଣ କ୍ଷେତ୍ରରେ ଇତିହାସ ରଚିଛି । ୨୦୨୫ ଜାନୁଆରୀ ମାସ ପ୍ରାରମ୍ଭରେ ପ୍ରତି ୧୦

- ୪୫ ଥର ନୂଆ ସର୍ବକାଳୀନ ରେକର୍ଡ
- ୧୯୭୯ ପରେ ସୁନା ଦରରେ ସବୁଠୁ ଦ୍ରୁତ ବୃଦ୍ଧି
- ୨୨ କ୍ୟାରେଟ୍ ୧.୨୪ ଲକ୍ଷ

ଗ୍ରାମ ପ୍ରାୟ ସୁନା ୭୮,୦୦୦ ଟଙ୍କା ରହିଥିବାବେଳେ ଡିସେମ୍ବର ମାସରେ ଏହା ପ୍ରାୟ ୧,୩୫,୦୦୦ ଟଙ୍କା ଡେଇଁଛି । ଏହା ଗୋଟିଏ ବର୍ଷରେ ପ୍ରାୟ ୭୩-୭୫ ପ୍ରତିଶତର ଏକ ବଡ଼ ଅଭିବୃଦ୍ଧି ଦର୍ଶାଉଛି । ଯାହାକୁ ବିଗତ ୪୬ ବର୍ଷ ମଧ୍ୟରେ ଏକ ସର୍ବବୃହତ ରେକର୍ଡ ବୋଲି ବିବେଚନା କରାଯାଉଛି । ୧୯୭୯ ମସିହା ପରେ ସୁନା ଦରରେ ଏହାକୁ ସବୁଠାରୁ ଦ୍ରୁତ ବୃଦ୍ଧି ବୋଲି କୁହାଯାଉଛି ।

୨୦୨୫ରେ ବର୍ଷକରେ ସୁନା ମୂଲ୍ୟରେ ୪୫ ଥର ନୂଆ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି । ସୁନା ଦର କେତେ ତୀବ୍ର ବେଗରେ ବଢୁଛି, ତାହାକୁ ବର୍ତ୍ତମାନର ମାତ୍ର ୩୬ ଦିନର ଦରରୁ ଅନୁମାନ କରାଯାଇପାରେ । ଏହି ସମୟରେ ସୁନା ଆଉନ୍ସ ପିଛା ଦର ୩,୫୦୦ରୁ ୪,୩୮୧ ଡଲାରକୁ ପହଞ୍ଚିଥିଲା । ଅର୍ଥାତ ମାତ୍ର କିଛି ସପ୍ତାହରେ ୂଲ୍ୟରେ ୧୪% ଅଭିବୃଦ୍ଧି ହାସଲ କରିଥିଲା । ବଜାର ବିଶେଷଜ୍ଞଙ୍କ ଅନୁସାରେ ୧୯୭୯ ମସିହା ପରେ ସୁନାର ଏହା ସବୁଠୁ ମଜଭୁତ ବାର୍ଷିକ ପରଫର୍ମାନ୍ସ । ବିଶ୍ୱ ବଜାରରେ ସୁନା ଆଉନ୍ସ ପିଛା ୪,୩୫୦ ଡଲାରକୁ ପହଞ୍ଚିବା ଭାରତୀୟ ବଜାରକୁ ମଧ୍ୟ ପ୍ରଭାବିତ କରିଛି । ଚଳିତବର୍ଷ ଏମ୍‌ସିଏକ୍ସରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ରେକର୍ଡ ୧୩୫,୫୯୦ ଟଙ୍କା ଛୁଇଁଥିଲା । ଏହିତଥ୍ୟ ସ୍ପଷ୍ଟ ଭାବରେ ଭାବେ ଦର୍ଶାଉଛି ଯେ ଅନିଶ୍ଚିତତା ସମୟରେ ନିବେଶକଙ୍କ ସୁନା ପ୍ରତି ବିଶ୍ୱାସ ଅକ୍ଷୁର୍ଣ୍ଣ ରହିଛି । ,ଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅକ୍ଟୋବର ୨୦୨୩ ପରଠାରୁ ସୁନା ମୂଲ୍ୟ ପ୍ରାୟ ୧୩୯ ପ୍ରତିଶତ ବୃଦ୍ଧି ପାଇଛି, ଅର୍ଥାତ୍ ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ମୂଲ୍ୟ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି ।

ବଜାର ବିଶେଷଜ୍ଞଙ୍କ ମତରେ ଆଗାମୀ ବର୍ଷ ସୁନା ଏବଂ ରୁପା ଉଭୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ରିଟର୍ଣ୍ଣ ଦୃଷ୍ଟିରୁ, ଗତ ୧୦ ବର୍ଷ ମଧ୍ୟରେ ୨୦୨୫ ଉଭୟ ସୁନା ଓ ରୁପା ପାଇଁ ସର୍ବୋତ୍ତମ ବର୍ଷ ପ୍ରମାଣିତ ହୋଇଛି । ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ଫେଡେରାଲ୍ ରିଜର୍ଭ ସୁଧ ହାର ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ ରୁପା ବିଶ୍ୱ ବଜାରରେ ଏକ ନୂତନ ରେକର୍ଡ ପ୍ରତିଷ୍ଠା କରିଛି । ଚଳିତବର୍ଷ ରୁପା ମୂଲ୍ୟରେ ମଧ୍ୟ ପ୍ରାୟ ୧୦୦% ବୃଦ୍ଧି ଦେଖାଯାଇଛି । ବିଶେଷଜ୍ଞମାନେ କୁହନ୍ତି ଯେ ବର୍ତ୍ତମାନର ଉଚ୍ଚ ସ୍ତର ସତ୍ତ୍ୱେ, ନିବେଶକମାନଙ୍କୁ ଭୟଭୀତ ହେବା ଆବଶ୍ୟକ ନାହିଁ । ଯଦି ମୂଲ୍ୟ ହ୍ରାସ ପାଏ, ତେବେ ଦୀର୍ଘକାଳୀନ ନିବେଶକମାନଙ୍କ ପାଇଁ ଧୀରେ ଧୀରେ କିଣିବା ପାଇଁ ଏହା ଏକ ଭଲ ସୁଯୋଗ ହୋଇପାରେ ।

ଜେ.ପି.ମୋର୍ଗାନ ଓ ବ୍ୟାଙ୍କ ଅଫ ଆମେରିକା ମଧ୍ୟ ଆଗକୁ ସୁନାକୁ ନେଇ ସନ୍ଦେହରେ ଅଛନ୍ତି । ଏଣୁ ସେମାନେ ଆଉନ୍ସ ପିଛା ଦର ୫୦୦୦ ଡଲାରର ଉପର ସ୍ତରକୁ ଦେଖୁଛନ୍ତି । ତେବେ କେବଳ ସୁନା ନୁହେଁ ରୂପା ଦର ମଧ୍ୟ ବୃଦ୍ଧି ଘଟିବାରେ ଲାଗିଛି । ପ୍ରତି ଆଉନ୍ସ ପିଛା ରୁପା ଦର ୫୦ ଡଲାର ପାର ହୋଇଯାଇଛି । ଗ୍ରୀନ ଏନର୍ଜୀ, ଇଲେକ୍ଟ୍ରିକ୍ ଯାନ ଓ ଏଆଇ ଡାଟା ସେଣ୍ଟର ଭଳି ଟେକ୍ନୋଲୋଜିର ଚାହିଦା ବୃଦ୍ଧି ଯୋଗୁ ରୁପାକୁ ବଜାରରେ ଅତିରିକ୍ତ ସମର୍ଥନ ମିଳୁଛି ।

### ଭାରତ-ନ୍ୟୁଜିଲ୍ୟାଣ୍ଡ ଏଫ୍‌ଟିଏ

# ଭାରତର ୧୦୦% ରପ୍ତାନୀ ଉପରେ ଶୂନ୍ୟ ଶୁଳ୍କ

ନୂଆଦିଲ୍ଲୀ,୨୨ା୧୨(ଏଜେନ୍ସି): ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ ) ସ୍ୱାକ୍ଷରିତ ହୋଇଯାଇଛି । ବିକଶିତ ଭାରତ ୨୦୪୭ ଭିଜନ୍‌କୁ ଲକ୍ଷ୍ୟ ରଖି କରାଯାଇଥିବା ଏହି ଚୁକ୍ତି ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡ ଭାରତର ୧୦୦% ରପ୍ତାନୀ ଉପରେ ଶୂନ୍ୟ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଛି । ସେହିଭଳି ଭାରତ ନ୍ୟୁଜିଲ୍ୟାଣ୍ଡରୁ ଆସୁଥିବା ସାମଗ୍ରୀ ଉପରେ ୭୦% ଶୁଳ୍କ ଛାଡ଼ କରିବ । ଏହାଦ୍ୱାରା ବୟନଶିଳ୍ପ, ଔଷଧ, ଚମଡ଼ା, ଇଞ୍ଜିନିୟରିଂ ସାମଗ୍ରୀ, ଅଟୋ ମୋବାଇଲ୍, କୃଷି ଉତ୍ପାଦ, ହସ୍ତଶିଳ୍ପ, ଏବଂ ରତ୍ନ ଏବଂ ଅଳଙ୍କାର କ୍ଷେତ୍ର ବେଶ ଲାଭବାନ ହେବ । ରିପୋର୍ଟ ଅନୁସାରେ, ନ୍ୟୁଜିଲ୍ୟାଣ୍ଡ ସହ ହୋଇଥିବା ଏଫଟିଏରେ ଭାରତ, ଦୁଗ୍ଧ କ୍ଷେତ୍ରରେ କୌଣସି ଶୁଳ୍କ ଛାଡ଼ କରିନାହିଁ । ଏ ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି, ଦୁଇ ଦେଶ ବର୍ତ୍ତମାନ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଘୋଷଣା କରିଛନ୍ତି । ହେଲେ ଦୁଗ୍ଧ କ୍ଷେତ୍ର ପାଇଁ କୌଣସି ଚୁକ୍ତି ହୋଇନାହିଁ । ଦୁଗ୍ଧ ଚାଷୀ ଏବଂ ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ବିଦେଶୀ ଦୁଗ୍ଧ ଉତ୍ପାଦ ଯେପରିକି ଦୁଗ୍ଧ, କଫି, କ୍ଷୀର, କ୍ରିମ୍, ପନିର, ଦହି, ଛେନା ଇତ୍ୟାଦିକୁ ଏହି ଏଫଟିଏରେ ଅନ୍ତର୍ଭୁକ୍ତ କରାଯାଇନାହିଁ । ସେହିଭଳି କୃଷି ଉତ୍ପାଦନକୁ ଗୁରୁତ୍ୱ ଦେଇ ପିଆଜ, ଚିନି, ମସଲା, ଖାଇବା ତେଲ ଏବଂ ରବର ଆଦିକୁ ଚୁକ୍ତିରୁ ବାଦ ଦିଆଯାଇଛି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ଏଫ୍‌ଟିଏରେ ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସେଓ, କିୱି ଏବଂ ମହୁ ପାଇଁ ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ କୃଷି ଉତ୍ପାଦନ ବଢ଼ାଇବାକୁ ସହଭାଗିତାରେ ଉଦ୍ୟମ କରାଯିବ ।

**ଦୁଗ୍ଧ କ୍ଷେତ୍ରକୁ ବାଦ୍**

ରିପୋର୍ଟ ଅନୁସାରେ, ଭାରତ ପୂର୍ବରୁ ହିଁ ବାଣିଜ୍ୟ ଚୁକ୍ତିରେ ବିପୁଳ ମାତ୍ରାରେ ଦୁଗ୍ଧ ଆମଦାନୀ ଉପରେ କଠୋର ମନୋଭାବ ଗ୍ରହଣ କରିଆସୁଛି । ଦୁଗ୍ଧ କ୍ଷେତ୍ର ସର୍ବଦା ଭାରତ ପାଇଁ ଏକ ସମ୍ବେଦନଶୀଳ ଏବଂ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଆସିଛି । ଭାରତରେ ଲକ୍ଷ ଲକ୍ଷ କ୍ଷୁଦ୍ର ଦୁଗ୍ଧ ଚାଷୀ ଅଛନ୍ତି । ସେମାନେ ମୁଖ୍ୟତଃ ଏହି ଜୀବିକା ଉପରେ ନିର୍ଭର କରିଥାନ୍ତି । ତେଣୁ ସରକାର ଏହି କ୍ଷେତ୍ରକୁ ବିଦେଶୀ ପ୍ରତିଯୋଗିତାରୁ ରକ୍ଷା କରିବାକୁ ପ୍ରାଥମିକତା ଦେଇଛନ୍ତି । ସୂଚନାଥାଉକି, ନ୍ୟୁଜିଲାଣ୍ଡ ବିଶ୍ୱର ସର୍ବବୃହତ ଦୁଗ୍ଧ ରପ୍ତାନିକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ସେହିଭଳି ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦକ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ଏହା ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ ଦୁଗ୍ଧ କ୍ଷେତ୍ରରେ ବାଣିଜ୍ୟ ଖୁବ୍ ସୀମିତ । ୨୦୨୪-୨୫ ଆର୍ଥିକବର୍ଷରେ ନ୍ୟୁଜିଲାଣ୍ଡରୁ ଭାରତକୁ ମୋଟ ଦୁଗ୍ଧଜାତ ଦ୍ରବ୍ୟ ଆମଦାନୀ ପ୍ରାୟ ୧.୦୭ ବିଲିୟନ ଡଲାର ଥିଲା ।

# ଫେବୃଆରୀରୁ ମୁଦ୍ରାସ୍ଫୀତି ଓ ଜିଡିପି ଆକଳନର ନୂଆ ସିରିଜ୍

ନୂଆଦିଲ୍ଲୀ,୨୨ା୧୨(ଏଜେନ୍ସି): କେନ୍ଦ୍ର ସରକାର ଦେଶର ଅର୍ଥନୀତି ମାପିବା ପାଇଁ ବ୍ୟବହୃତ ମାନଦଣ୍ଡଗୁଡ଼ିକରେ ଏକ ବଡ଼ ପରିବର୍ତ୍ତନ କରିବାକୁ ଯୋଜନା କରୁଛନ୍ତି । ୨୦୨୬ ଫେବୃଆରୀରୁ ସରକାର ଖୁଚୁରା ମୁଦ୍ରାସ୍ଫୀତି (ସିପିଆଇ) ଏବଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ସମ୍ପର୍କିତ ତଥ୍ୟର ଏକ ନୂତନ ସିରିଜ୍ (ନୂତନ ଆଧାର ବର୍ଷ) ଆରମ୍ଭ କରିବାକୁ ଯାଉଛନ୍ତି । ଏହାପରେ ୨୦୨୬ ମେ' ରୁ ଏକ ନୂତନ ସିରିଜ୍ ରେ ଶିଳ୍ପ ଉତ୍ପାଦନ ସୂଚୀ (ଆଇଆଇପି) ତଥ୍ୟ

**ବଦଳିବ ୨୪ ବର୍ଷ ପୁରୁଣା ମାପକାଠି**

ମଧ୍ୟ ପ୍ରକାଶିତ ହେବ । ଜିଡିପି ଏବଂ ଆଇଆଇପି ପାଇଁ ନୂତନ ଆଧାର ବର୍ଷ ୨୦୨୨-୨୩ ହେବ, ଯେତେବେଳେ କି ଖୁଚୁରା ମୁଦ୍ରାସ୍ଫୀତି ପାଇଁ ମୂଳ ବର୍ଷ ୨୦୨୪ ହେବ । କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଏଥିପାଇଁ ପ୍ରସ୍ତୁତି ଶେଷ କରିଛି ।

ବର୍ତ୍ତମାନ, ଜିଡିପି ଏବଂ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ୨୦୧୧-୧୨ର ପୁରୁଣା ଆଧାର ବର୍ଷ ବ୍ୟବହାର କରି ଗଣନା ହେଉଛି, ଯେତେବେଳେ କି ଅନେକ ଦେଶରେ ଏହା ପ୍ରତି ପାଞ୍ଚ ବର୍ଷରେ ଅପଡେଟ୍ କରାଯାଉଛି । ମୂଳ ବର୍ଷର ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନର ଆବଶ୍ୟକତା ଏବଂ ବ୍ୟବହାରକୁ ଦୃଷ୍ଟିରେ ରଖି ତଥ୍ୟକୁ ଅଧିକ ସଠିକ୍ କରିବା । ବର୍ତ୍ତମାନ, ଦେଶରେ ମୁଦ୍ରାସ୍ଫୀତି ଏବଂ ଜିଡିପି ଗଣନା କରିବା ପାଇଁ ପୁରୁଣା ମୂଳ ବର୍ଷ ବ୍ୟବହାର କରାଯାଉଛି । ବିଶେଷଜ୍ଞମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି ଯେ ଗତ ଦଶନ୍ଧି ମଧ୍ୟରେ ଲୋକଙ୍କ ଖର୍ଚ୍ଚ ଢାଞ୍ଚା ଏବଂ ସାମଗ୍ରୀ ପସନ୍ଦ ପରିବର୍ତ୍ତନ ହୋଇଥିବାରୁ ମୂଳ ବର୍ଷକୁ ଅପଡେଟ୍ କରାଯାଉ । ଏକ ନୂତନ ସିରିଜ୍ ପ୍ରଚଳନ ସରକାରୀ ତଥ୍ୟକୁ ଦେଶର ଆର୍ଥିକ ପରିସ୍ଥିତିର ଏକ ବାସ୍ତବବାଦୀ ଚିତ୍ର ଉପସ୍ଥାପନ କରିବାକୁ ଅନୁମତି ଦେବ । ବର୍ତ୍ତମାନ,




ଖୁଚୁରା ମୁଦ୍ରାସ୍ଫୀତି ଗଣନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଇଁ ଖାଦ୍ୟ ସାମଗ୍ରୀର ଅଂଶୀଦାର । ମନ୍ତ୍ରଣାଳୟ ଅଧିକାରୀଙ୍କ ଅନୁଯାୟୀ, ନୂତନ ସିରିଜ୍‌ରେ ଖାଦ୍ୟ ସାମଗ୍ରୀର ଓଜନ ହ୍ରାସ କରାଯାଇପାରେ । କାରଣ ଲୋକଙ୍କ ଆୟ ବୃଦ୍ଧି ପାଇବା ସହିତ, ସେମାନେ ଖାଦ୍ୟ ବଦଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ଭଳି ଅନ୍ୟାନ୍ୟ ସୁବିଧା ଉପରେ ଅଧିକ ଖର୍ଚ୍ଚ କରିବା ଆରମ୍ଭ କରିଥାନ୍ତି । ନୂତନ ସିରିଜ୍ ଏହି ଆଧୁନିକ ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେବ ।

ଏହାଛଡା ଶିଳ୍ପ ଉତ୍ପାଦନ ସୂଚୀ (ଆଇଆଇପି), ଯାହା ଦେଶର ଉତ୍ପାଦନ ଏବଂ ଖଣି କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରତିଫଳିତ କରେ । ଏହାକୁ ମେ ୨୦୨୬ ମେ'ରୁ ଏକ ନୂତନ ସିରିଜ୍‌କୁ ସ୍ଥାନାନ୍ତରିତ କରାଯିବ । ଏଥିରେ ନୂତନ ଉତ୍ପାଦ ଅନ୍ତର୍ଭୁକ୍ତ ହେବ, ଯାହାର ଉତ୍ପାଦନ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆରମ୍ଭ ହୋଇଥିଲା । ଯଦିଓ ବଜାରରେ ଆଉ ଚାହିଦା ନ ଥିବା ପୁରୁଣା ଜିନିଷଗୁଡ଼ିକୁ ତାଲିକାରୁ ହଟାଇ ଦିଆଯାଇପାରେ । ପରିସଂଖ୍ୟାନ ମନ୍ତ୍ରଣାଳୟ ସଚିବ ସୌରଭ ଗର୍ଗ ପୂର୍ବରୁ ସୂଚାଇ ଦେଇଥିଲେ ଯେ ଏକ ତଥ୍ୟ ସଂଶୋଧନ ପ୍ରକ୍ରିୟା ଚାଲିଛି । ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ । ପୁରୁଣା ମାନଦଣ୍ଡ ଉପରେ ଆଧାରିତ ତଥ୍ୟ ପ୍ରକାଶ କରିବା ପ୍ରାୟତଃ ନୀତି ନିର୍ଦ୍ଧାରଣରେ ବାଧା ସୃଷ୍ଟି କରେ । ନୂତନ ମୂଳ ବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ସୁଧ ହାର ଉପରେ ନିଷ୍ପତ୍ତି ନେବା ମଧ୍ୟ ସହଜ କରିବ, କାରଣ ସେମାନଙ୍କ ପାଖରେ ଅଧିକ ସଠିକ୍ ମୁଦ୍ରାସ୍ଫୀତି ତଥ୍ୟ ରହିବ ।

### ସାଧାରଣ ଲୋକଙ୍କ ଉପରେ କ'ଣ ପ୍ରଭାବ ପଡ଼ିବ

ଯଦିଓ ଏହା ସିଧାସଳଖ ସାଧାରଣ ଲୋକଙ୍କ ପକେଟ୍‌କୁ ପ୍ରଭାବିତ କରେ ନାହିଁ, ସରକାରୀ ଯୋଜନାଗୁଡ଼ିକ ଏହି ତଥ୍ୟ ଉପରେ ଆଧାରିତ । ଯଦି ମୁଦ୍ରାସ୍ଫୀତି ତଥ୍ୟ ସଠିକ୍ ହୁଏ, ତେବେ ସରକାର ମୂଲ୍ୟ ନିୟନ୍ତ୍ରଣ ପାଇଁ ଭଲ ପଦକ୍ଷେପ ନେଇପାରିବେ । ଏହା ବ୍ୟତୀତ, ସଠିକ୍ ଜିଡିପି ତଥ୍ୟ ଭାରତର ଅର୍ଥନୀତିରେ ବିଦେଶୀ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିବ ।

# ଫୋନପେ୍ ୱେଲ୍‌ଥ 'ଦୈନିକ ଏସ୍‌ଆଇପି' ଆରମ୍ଭ

ଭୁବନେଶ୍ୱର,୨୨ା୧୨(ସମିସ): ଫୋନପେ ୱେଲଥ ବ୍ରୋକିଂ ପ୍ରାଇଭେଟ ଲିମିଟେଡ (ଫୋନପେ ୱେଲଥ) ପକ୍ଷରୁ ମ୍ୟୁଚୁଆଲ ଫଣ୍ଡରେ ଏହାର ଦୈନିକ ଏସଆଇପି (ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ) ଫିଚରର ଶୁଭାରମ୍ଭ କରାଯାଇଛି । ଏହା ୟୁଜରମାନଙ୍କୁ ଫୋନପେ ଆପ ମାଧ୍ୟମରେ ପ୍ରତିଦିନ ମାତ୍ର ୧୦ ଟଙ୍କା ଭଳି କମ୍ ରାଶିରୁ ସିଧାସଳଖ ବିନିଯୋଗ କରିବାକୁ ସକ୍ଷମ କରିବ । ଏହା ସମ୍ଭାବ୍ୟ ବିନିଯୋଗକାରୀମାନଙ୍କୁ ସେମାନଙ୍କର ଦୈନିକ ସଞ୍ଚୟକୁ ଅତି ସହଜରେ ବିନିଯୋଗରେ ପରିଣତ କରିବାକୁ ସଶକ୍ତ କରିବ ଏବଂ ଅଧିକ ସଂଖ୍ୟକ ଭାରତୀୟଙ୍କୁ ସମୟକ୍ରମେ ସମ୍ପତି ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ସୁବିଧା ସେହି ବ୍ୟକ୍ତିବିଶେଷଙ୍କ ପାଇଁ ବିଶେଷ ଲାଭଦାୟକ, ଯେଉଁମାନଙ୍କର ରୋଜଗାର ଏବଂ ସଞ୍ଚୟ ଦୈନିକ ହୋଇଥାଏ । ଏହି ସୁବିଧା ସେମାନଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବିନିଯୋଗକୁ ଅତ୍ୟନ୍ତ ସହଜ ଏବଂ ସୁଲଭ କରିଥାଏ, ଏବଂ ଏହା ହିଁ ସେମାନଙ୍କର ଆର୍ଥିକ ସମ୍ପତି ଗଠନ ଦିଗରେ ପ୍ରଥମ ପଦକ୍ଷେପ । ଏହି ଶୁଭାରମ୍ଭ ସମ୍ପର୍କରେ ଶେୟାର.ମାର୍କେଟ (ଫୋନପେ ୱେଲଥ) ର ଇନଭେଷ୍ଟମେଣ୍ଟ ପ୍ରଡକ୍ଟ ହେଡ ନୀଳେଶ ଡି. ନାୟକ କହିଛନ୍ତି, "ଦୈନିକ ଏସଆଇପି ସହିତ, ଆମେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ବିନିଯୋଗକୁ ଅଧିକ ଅଭ୍ୟାସଗତ କରୁଛୁ । ଦୈନିକ ବିନିଯୋଗ ମାଧ୍ୟମରେ, ବିନିଯୋଗକାରୀମାନେ ଟଙ୍କା-ଖର୍ଚ୍ଚ ହାରାହାରିରୁ ଉପକୃତ ହୁଅନ୍ତି, ଯାହା ସ୍ୱଳ୍ପକାଳୀନ ବଜାର ଅସ୍ଥିରତାକୁ ଦୂର କରିବାରେ ସାହାଯ୍ୟ କରେ ।

### ଫେଡେରାଲ ରିଜର୍ଭର ସୁଧ ହାର ହ୍ରାସ ସଙ୍କେତ

# ସେନ୍‌ସେକ୍ସ ୬୩୮ ପଏଣ୍ଟ ଉଠିଲା



ମୁମ୍ବଇ,୨୨ା୧୨(ଏଜେନ୍ସି): ଘରୋଇ ପୁଞ୍ଜି ବଜାରରେ କ୍ରମାଗତ ଭାବେ ଦ୍ୱିତୀୟ ଦିନରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି । ସୋମବାର କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୬୩୮ ପଏଣ୍ଟ ବା ୦.୭୫ ପ୍ରତିଶତ ଉପରକୁ ଉଠି ୮୫,୫୬୭.୪୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି । ଅପରପକ୍ଷେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୦୬ ପଏଣ୍ଟ ବା ୦.୭୯ ପ୍ରତିଶତ ବୃଦ୍ଧି ହୋଇ ୨୬,୧୭୨.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି । ବିଦେଶୀ ନିବେଶକଙ୍କ ଭରସା ଓ ବୈଶ୍ୱିକ ବଜାରରୁ ମିଳିଥିବା ମଜଭୁତ ସଙ୍କେତରୁ ଆଜି ଏହି ବୃଦ୍ଧି ଦେଖିବାକୁ ମିଳିଛି । ଏହା ବ୍ୟତୀତ ଆମେରିକାରେ ସୁଧ ହାର ହ୍ରାସର ସଙ୍କେତ ମଧ୍ୟ ନିବେଶକଙ୍କ ମନୋବଳକୁ ବଢାଇଛି । ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ସେୟାରରେ ମଧ୍ୟ ସୋମବାର ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ବିଏସ୍‌ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୮୬ ପ୍ରତିଶତ ବଢି ବନ୍ଦ ହୋଇଛି । ଅନ୍ୟପଟେ ବିଏସ୍‌ଇ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ୧.୧୨ ପ୍ରତିଶତ ବଢି କାବରାର ଶେଷ କରିଛି । ସେୟାର ବଜାରରେ ଆଜିର ବୃଦ୍ଧି ପ୍ରାୟ ସବୁ କ୍ଷେତ୍ରରେ ଦେଖିବାକୁ ମିଳିଛି । କଞ୍ଜୁମର ଡ୍ୟୁରେବଲ୍ସକୁ ଛାଡ଼ି ପ୍ରାୟ ସମସ୍ତ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ସବୁଜ ସଙ୍କେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ବୃଦ୍ଧି ଆଇଟି ସେୟାରରେ ଦେଖିବାକୁ ମିଳିଛି । ଏହା ବ୍ୟତୀତ କ୍ୟାପିଟାଲ୍ ଗୁଡ୍ସ, ମେଟାଲ୍, କମୋଡିଟି ଓ ଇଣ୍ଡଷ୍ଟ୍ରିଅଲ ସେୟାର ଇଣ୍ଡେକ୍ସରେ ମଧ୍ୟ ଏକ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି ।

# ଭୁବନେଶ୍ୱରରେ ଇନଷ୍ଟାମାର୍ଟ ବ୍ୟବସାୟରେ ୪୬୫% ବୃଦ୍ଧି

ମୁମ୍ବଇ,୨୨ା୧୨(ଏଜେନ୍ସି): ଦ୍ରୁତ ବାଣିଜ୍ୟ ଏବେ କେବଳ ସୁବିଧା ନୁହେଁ, ଆଧୁନିକ ଭାରତୀୟଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ହୋଇଗଲାଣି । ଏଥିରେ ଭୁବନେଶ୍ୱରରେ ଇନଷ୍ଟାମାର୍ଟ ବ୍ୟବସାୟରେ ୪୬୫% ବୃଦ୍ଧି ଘଟିଛି । କାରଣ ସହରରେ ଅର୍ଡରରେ ଏହି ୪୬୫% ଅଭିବୃଦ୍ଧି ଦେଖିବାକୁ ମିଳିଛି । ସହରର କ୍ରେତାମାନଙ୍କର ଖର୍ଚ୍ଚରେ ପରମ୍ପରା ଓ ଆଧୁନିକତାର ଦୁଇଟି ମିଶ୍ରଣ ଦେଖିବାକୁ ମିଳିଛି । ଜଣେ ଗ୍ରାହକ ଆଇଫୋନ ପାଇଁ ୭.୩୪ ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ସେହିଭଳି ଅନ୍ୟ ଜଣେ ବର୍ଷସାରା ୪.୨୩ ଲକ୍ଷ ଟଙ୍କାର ଆଳୁ କିଣିଥିଲେ । ଯାହାକି ପ୍ରମାଣ କରୁଛି ଯେ ଭୁବନେଶ୍ୱରରେ ଟେକ୍ ଓ ତରକାରୀ ଦୁହେଁ ୧୦ ମିନିଟ୍‌ରେ ଗ୍ରାହକଙ୍କ ଘରେ ପହଞ୍ଚୁଛି । ସେହିଭଳି ମୃଦୁ ପାନୀୟ ଥିଲା ଅନ୍ୟତମ, ଯେଉଁଥିରେ ଜଣେ ସର୍ବାଧିକ ୬ ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ତାଙ୍କର ସର୍ବାଧିକ ଅର୍ଡର ମୃଦୁ ପାନୀୟ ଥିଲା । କିନ୍ତୁ ବେଳେବେଳେ କେତେକ ଗ୍ରାହକ ୧୩,୪୨୮ ମୂଲ୍ୟର ଇୟରବଡ୍ ମଧ୍ୟ ଅର୍ଡର କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଭୁବନେଶ୍ୱରର କ୍ରେତାମାନେ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ସହିତ ପ୍ରିମିୟମ୍ ଜୀବନଶୈଳୀ କ୍ରୟକୁ ସୁଗମ ଭାବରେ ଆପଣାଇ ନେଉଛନ୍ତି । ଆଞ୍ଚଳିକ ପ୍ରିୟ ଖାଦ୍ୟରେ ସିମେଇ, ସୋରିଷ ଏବଂ କରି ପାଉଡର ପାଣ୍ଡି ମୁଖ୍ୟ ଭାବରେ ଉଭା ହୋଇଛି । ଏହା ପ୍ରମାଣ କରୁଛି ଯେ ଘର-କା-ସ୍ୱାଦ ସର୍ବଦା ଜିତିଥାଏ ।

ଭୁବନେଶ୍ୱରବାସୀ ଶୀଘ୍ର ଉଠିବାକୁ ଓ କିଣାକିଣି କରିବାକୁ ପସନ୍ଦ କରନ୍ତି । ଦୁର୍ଗା ପୂଜା ସମୟରେ ସହର ମୃଦୁ ପାନୀୟ, ଆଇସକ୍ରିମ ଓ ମାରି ବିସ୍କୁଟ ଅଧିକ ଅର୍ଡର କରି ପାଳନ କରିଥିଲା ।ସହରରେ ଅର୍ଡର ହୋଇଥିବା ଅନ୍ୟାନ୍ୟ ଶ୍ରେଷ୍ଠ ସାମଗ୍ରୀରେ ଇଅରବଡ୍, ଘଣ୍ଟା ଓ ଲେଗୋ ସେଟ୍ ମଧ୍ୟ ଥିଲା । ଏହା ସ୍ପଷ୍ଟ କରୁଛି ଯେ ଇନଷ୍ଟାମାର୍ଟ କେବଳ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ପାଇଁ ନୁହେଁ; ଏହା ଉପହାର, ଭୋଗ ଓ ବିଶେଷ ଅବସର ପାଇଁ ମଧ୍ୟ ଏକ ବିଶ୍ୱସ୍ତ ସହଭାଗୀ ।

# ଏଆଇ ବୋଝ; ଅଧିକ ବିଦ୍ୟୁତ୍ କାଟ୍‌ର ସମ୍ମୁଖୀନ ହେବ ଭାରତ!

## ବିଶାଳ ଡାଟା ସେଣ୍ଟର ନିର୍ମାଣରେ ବିଦ୍ୟୁତ୍, ପାଣି ବ୍ୟବହାର ଉପରେ ଚାପ ଆଶଙ୍କା

ନୂଆଦିଲ୍ଲୀ,୨୨ା୧୨(ଏଜେନ୍ସି)



ଯେତେବେଳେ କେହି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ରେ ଏକ ପ୍ରଶ୍ନ ଟାଇପ୍ କରନ୍ତି ଏବଂ ଏଣ୍ଟର୍ ଦବାନ୍ତି,ସେତେବେଳେ ସେହି ପ୍ରଶ୍ନ ଏକ ବିଶାଳ ଡାଟା ସେଣ୍ଟରରେ ପହଞ୍ଚିଯାଏ । ଏହି ଡାଟା ସେଣ୍ଟରଗୁଡ଼ିକ ଏକ ଫୁଟବଲ୍ ପଡ଼ିଆ ପରି ବଡ଼ । ସେଠାରେ ହଜାର ହଜାର ଶକ୍ତିଶାଳୀ କମ୍ପ୍ୟୁଟର ଚିପ୍ସ ରହିଥାଏ, ଯାହା କିଛି ସେକେଣ୍ଡ ମଧ୍ୟରେ ଉତ୍ତର ଦେଇଦେଇଥାଏ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ପ୍ରଚୁର ବିଦ୍ୟୁତ୍ ଏବଂ ପାଣି ବ୍ୟବହାର ହୋଇଥାଏ ।

ଓପନ୍ ଏଆଇର ସିଇଓ ସାମ୍ ଅଲ୍ଟମ୍ୟାନଙ୍କ ଅନୁଯାୟୀ, ଚାର୍ଟ ଜିପିଟିରେ ଏକ ସରଳ ପ୍ରଶ୍ନ ପଚାରିବା ପାଇଁ ବହୁତ କମ୍ ବିଦ୍ୟୁତ୍ ଏବଂ ପାଣି ଆବଶ୍ୟକ ହୁଏ । ଏହି ବ୍ୟବହାର ପ୍ରାୟ ଗୋଟିଏ ସେକେଣ୍ଡ ପାଇଁ ଏକ ମାଇକ୍ରୋୱେଭ୍ ସହିତ ସମାନ ଏବଂ ପାଣିର ପରିମାଣ ଗୋଟିଏ ଟୋପାଠାରୁ କମ୍ । ତଥାପି, ଯେତେବେଳେ ଏହି ସମାନ କାର୍ଯ୍ୟ ପ୍ରତିଦିନ କୋଟି କୋଟି ଥର କରାଯାଏ, ମୋଟ ବ୍ୟବହାର ଏକ ସହରର ବିଦ୍ୟୁତ୍ ଏବଂ ପାଣି ବ୍ୟବହାର ସହିତ ସମାନ ହୋଇଯାଏ । ଚାର୍ଟ ଜିପିଟି ବ୍ୟବହାର କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି । ଏଠାରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ମାଇକ୍ରୋସଫ୍ଟ, ଗୁଗୁଲ୍ ଏବଂ ଆମାଜନ ଭଳି ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକ ଭାରତରେ କୋଟି କୋଟି ଡଲାର ନିବେଶ କରୁଛନ୍ତି । ଏହା ନିଯୁକ୍ତି ଏବଂ ପ୍ରଯୁକ୍ତିବିଦ୍ୟାକୁ ଲାଭ ଦେବ, କିନ୍ତୁ ଏଠାରେ ପ୍ରଶ୍ନ ହେଉଛି ଯେ ଭାରତରେ ଏଭଳି ବିଶାଳ ଡାଟା ସେଣ୍ଟର ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ୍ ଏବଂ ପାଣି ଉପଲବ୍ଧ ଅଛି କି ନାହିଁ ।

ପୂର୍ବରୁ, ଇ-ମେଲ୍, ବ୍ୟାଙ୍କିଙ୍ଗ ଏବଂ ଅନଲାଇନ୍ ସେବା ପାଇଁ ଡାଟା ସେଣ୍ଟରଗୁଡ଼ିକ ନିର୍ମାଣ କରାଯାଇଥିଲା । ଏବେ ଦେଶରେ ବିଶେଷ ଭାବରେ ଏଆଇ ପାଇଁ ନୂତନ ଡାଟା ସେଣ୍ଟରଗୁଡ଼ିକ ନିର୍ମାଣ କରାଯାଉଛି । ଏଗୁଡ଼ିକ ବହୁତ ଶକ୍ତିଶାଳୀ ଜିପିୟୁ ଚିପ୍ସ ବ୍ୟବହାର କରିଥାନ୍ତି, ଯାହା ଅଧିକ ଶକ୍ତି ବ୍ୟବହାର କରେ ଏବଂ ପ୍ରଚୁର ଉତ୍ତାପ ଉତ୍ପନ୍ନ କରେ । ବର୍ତ୍ତମାନ, ଭାରତରେ ଡାଟା ସେଣ୍ଟରଗୁଡ଼ିକର ବିଦ୍ୟୁତ୍ କ୍ଷମତା ପ୍ରାୟ ୧.୫ ଗିଗାୱାଟ୍, ଯାହା ୨୦୩୦ ସୁଦ୍ଧା ପ୍ରାୟ ୯ ଗିଗାୱାଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ମାଇକ୍ରୋସଫ୍ଟ ଭାରତରେ ୧୭.୫ ବିଲିୟନ ଡଲାର ନିବେଶ ଘୋଷଣା କରିଛି । କମ୍ପାନୀ ହାଇଦ୍ରାବାଦରେ ଏକ ବଡ଼ ଡାଟା ସେଣ୍ଟର ନିର୍ମାଣ କରୁଛି । ଗୁଗୁଲ୍ ମଧ୍ୟ ଭାରତରେ ୧୫ ବିଲିୟନ ଡଲାର ନିବେଶ କରୁଛି, ଯେଉଁଥିରେ ଆନ୍ଧ୍ରପ୍ରଦେଶରେ ଏକ ଏଆଇ ଡାଟା ସେଣ୍ଟର ମଧ୍ୟ ଅନ୍ତର୍ଭୁକ୍ତ । ଏହା ସହିତ, ଅନେକ ପ୍ରମୁଖ ଟେକ୍ କମ୍ପାନୀ ଭାରତରେ ଡାଟା ସେଣ୍ଟର ପ୍ରକଳ୍ପରେ ନିବେଶ କରୁଛନ୍ତି ।

### ଦେଖାଦେବ ବିଦ୍ୟୁତ୍ ବିଭ୍ରାଟ

ବିଶେଷଜ୍ଞମାନେ କହିଛନ୍ତି ଯେ ଏପରି ବଡ଼ ଡାଟା ସେଣ୍ଟରଗୁଡ଼ିକ ଦ୍ରୁତ ଗତିରେ ବିଦ୍ୟୁତ୍ ଚାହିଦା ବୃଦ୍ଧି କରିବେ । ଗ୍ରୀଷ୍ମ ଋତୁରେ ଭାରତ ପୂର୍ବରୁ ବିଦ୍ୟୁତ୍ ଅଭାବ ଜନିତ ସମସ୍ୟା ଅନୁଭବ କରୁଛି । ଯଦି ବିଦ୍ୟୁତ୍ ଉତ୍ପାଦନ ଏବଂ ପରିବହନକୁ ସମୟ ମଧ୍ୟରେ ବୃଦ୍ଧି କରା ନ ଯାଏ, ତେବେ ଭବିଷ୍ୟତରେ ସୁନିଶ୍ଚିତ ଭାବେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେବ । ବର୍ତ୍ତମାନ, ଭାରତର ଅଧା ବିଦ୍ୟୁତ୍ କୋଇଲାରୁ ଉତ୍ପାଦିତ ହେଉଛି, ଯାହା ପ୍ରଦୂଷଣ ବୃଦ୍ଧି କରୁଛି । ଅପରପକ୍ଷେ କିଛି ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ଭାରତ ଏହି ଚ୍ୟାଲେଞ୍ଜର ମୁକାବିଲା କରିପାରିବ । ଦେଶରେ ସୌର ଏବଂ ପବନ ଶକ୍ତି କ୍ଷମତା ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଅନେକ ରାଜ୍ୟ ଏହି କ୍ଷେତ୍ରରେ ଆଗୁଆ ଅଛନ୍ତି । ଯଦି ଡାଟା ସେଣ୍ଟରଗୁଡ଼ିକ ସ୍ୱଚ୍ଛ ଶକ୍ତିରେ ଚାଲିଥାଏ, ତେବେ ବିଦ୍ୟୁତ୍ ଅଭାବ ଦୂର ହୋଇପାରିବ ଏବଂ ପ୍ରଦୂଷଣ ହ୍ରାସ ପାଇପାରିବ ।

### ଜଳ ଆବଶ୍ୟକତାରେ ବୃଦ୍ଧି ଚିନ୍ତାର ବିଷୟ

ଡାଟା ସେଣ୍ଟରଗୁଡ଼ିକୁ ଥଣ୍ଡା ରଖିବା ପାଇଁ ପ୍ରଚୁର ପାଣି ଆବଶ୍ୟକ ହୁଏ । ଏକ ବଡ଼ ଡାଟା ସେଣ୍ଟରରେ ଦୈନିକ ଲକ୍ଷ ଲକ୍ଷ ଲିଟର ପାଣି ବ୍ୟବହାର ହେବ । ଆକଳନ କରାଯାଉଛି ଯେ ଆଗାମୀ ବର୍ଷଗୁଡ଼ିକରେ ଡାଟା ସେଣ୍ଟରଗୁଡ଼ିକ ଦ୍ୱାରା ବ୍ୟବହୃତ ପାଣି ଦ୍ରୁତ ଗତିରେ ବୃଦ୍ଧି ପାଇବ । ଯଦି ଏହି କେନ୍ଦ୍ରଗୁଡ଼ିକ ଜଳ-ଅଭାବୀ ଅଞ୍ଚଳରେ ଅବସ୍ଥିତ, ତେବେ ପରିସ୍ଥିତି ଆହୁରି ଗମ୍ଭୀର ହୋଇପାରେ ।

ବିଶେଷଜ୍ଞମାନେ କହିଛନ୍ତି ଯେ ଜଳ-ଦକ୍ଷ କୁଲିଂ ପ୍ରଯୁକ୍ତିବିଦ୍ୟା, ପୁନଃଚକ୍ରିତ ଜଳର ବ୍ୟବହାର ଏବଂ ଉତ୍ତମ ଯୋଜନା ଏହି ସମସ୍ୟାକୁ ଦୂର କରିପାରିବ । ଏହା ବ୍ୟତୀତ, ଏଆଇ ନିଜେ କମ୍ ବିଦ୍ୟୁତ୍ ଏବଂ ପାଣି ବ୍ୟବହାର କରୁଥିବା ପ୍ରଯୁକ୍ତିବିଦ୍ୟା ବିକାଶ କରିବାରେ ସାହାଯ୍ୟ କରିପାରିବ । ଏଆଇ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରତିନିଧିତ୍ୱ କରେ, କିନ୍ତୁ ଏହା ସହିତ ଦାୟିତ୍ୱ ମଧ୍ୟ ଆସେ । ଯଦି ଡାଟା ସେଣ୍ଟରଗୁଡ଼ିକ ବୁଦ୍ଧିମାନ ଭାବରେ ନିର୍ମାଣ କରାଯାଏ ଏବଂ ସ୍ୱଚ୍ଛ ଶକ୍ତି ବ୍ୟବହାର କରାଯାଏ, ତେବେ ଭାରତ ପରିବେଶକୁ ସୁରକ୍ଷା ଦେବା ସହିତ ଏଆଇ କ୍ଷେତ୍ରରେ ଆଗକୁ ବଢ଼ିପାରିବ ।

